ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଜ୍ଞାନ ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି
(ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)


**ପତ୍ର ସଂ–୬୩/୨୦୨୬** **ସପ୍ତାହ-୩୨** **ଶୁକ୍ରବାର, ତାରିଖ-୦୭.୦୮.୨୦୨୬**

## ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ) | ୬୮୯.୬/୩୫ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୭୯.୨/୦୩ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା (⁰C) | ୩୩.୪ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା (⁰C) | ୨୪.୯ |

## କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (⁰ସେ.) | ସର୍ବନିମ୍ନ ତାପମାତ୍ରା (⁰ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| କଳାହାଣ୍ଡି | ୦୮-୦୮-୨୦୨୬ | ୩୮ | ୩୨ | ୨୩ | ୮ | ୯୩ | ୭୩ | ୬ | ୨୨୦ |
| | ୦୯-୦୮-୨୦୨୬ | ୧୪ | ୩୩ | ୨୪ | ୭ | ୯୧ | ୭୩ | ୭ | ୨୪୧ |
| | ୧୦-୦୮-୨୦୨୬ | ୮ | ୩୩ | ୨୫ | ୫ | ୯୧ | ୬୭ | ୮ | ୨୩୯ |
| | ୧୧-୦୮-୨୦୨୬ | ୭ | ୩୩ | ୨୫ | ୫ | ୯୦ | ୬୪ | ୯ | ୨୩୭ |
| | ୧୨-୦୮-୨୦୨୬ | ୫ | ୩୪ | ୨୫ | ୭ | ୮୯ | ୬୪ | ୯ | ୨୪୨ |

**ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ  ଫୋନ.#୦୬୭୪ - ୨୫୯୬୧୧୬**

## ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଜିଲ୍ଲାରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା (୫ ରୁ ୩୮ ମିମି/ଦିନ) ଏବଂ ଶେଷଭାଗ ଆଡ଼କୁ ବୃଷ୍ଟିପାତ ର ପରିମାଣ କ୍ରମଶଃ ହ୍ରାସ ପାଇବାର ସମ୍ଭାବନା ରହିଛି। ଏହି ଦିନ ଗୁଡ଼ିକରେ ଆକାଶ ସାଧାରଣତଃ ମେଘୁଆ ରହିବା ସହିତ ଦକ୍ଷିଣ-ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ୬ ରୁ ୯ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୩୨ ରୁ ୩୪° ସେଲସିୟସ୍ ମଧ୍ୟରେ ରହିବାକୁ ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୩ ରୁ ୨୫° ସେଲସିୟସ୍ ପାଖାପାଖି ରହିବାର ସମ୍ଭାବନା ଅଛି। ସକାଳ ସମୟରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୯ ରୁ ୯୩% ଏବଂ ଅପରାହ୍ନ ସମୟରେ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୬୪ ରୁ ୭୩% ମଧ୍ୟରେ ରହିବାର ପୂର୍ବାନୁମାନ ରହିଛି ।

**ଚେତାବନୀ : ଆଗାମୀ ୮ ତାରିଖ ପର୍ଯନ୍ତ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି, ବିଜୁଳି ଏବଂ ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ଝଟକା ପବନ ବହିବାର ବହୁତ ସମ୍ଭାବନା ରହିଛି। ଏହାଛଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବୃଷ୍ଟିପାତ ହେବାର ମଧ୍ୟ ବହୁତ ସମ୍ଭାବନା ରହିଛି (ଆସନ୍ତା କାଲି ସକାଳ ୮.୩୦ ପର୍ଯନ୍ତ ବୈଧ।)**

## ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ପ୍ରସ୍ତୁତ ଓଡ଼ିଶାରେ ଆଗାମୀ ଦୁଇ ସପ୍ତାହ ପାଇଁ ପାଣିପାଗ ପୂର୍ବାନୁମାନ:

- **ପ୍ରଥମ ସପ୍ତାହ (୦୭ ଅଗଷ୍ଟ ରୁ ୧୩ ଅଗଷ୍ଟ, ୨୦୨୬):** ପ୍ରଥମ ସପ୍ତାହରେ ଓଡ଼ିଶାରେ ଓଡ଼ିଶାର ଜିଲ୍ଲାଗୁଡ଼ିକର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ସହିତ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବୃଷ୍ଟିପାତ ହେବାର ବହୁତ ସମ୍ଭାବନା ରହିଛି। ସାମଗ୍ରିକ ଭାବେ, ଏହି ପ୍ରଥମ ସପ୍ତାହରେ ଉତ୍ତର ଓଡ଼ିଶା ଏବଂ ଉପକୂଳ ଓଡ଼ିଶାର କେତେକ ଅଞ୍ଚଳରେ ବୃଷ୍ଟିପାତର ପରିମାଣ ସ୍ୱାଭାବିକଠାରୁ ଅଧିକ ହେବାର ବହୁତ ସମ୍ଭାବନା ଅଛି। ଉତ୍ତର ବଙ୍ଗୋପସାଗରରେ ସାଇକ୍ଲୋଜେନେସିସ୍ / ବାତ୍ୟା ସୃଷ୍ଟି ହେବାର ମଧ୍ୟମ ଧରଣର ସମ୍ଭାବନା ରହିଛି।
- **ଦ୍ୱିତୀୟ ସପ୍ତାହ (୧୪ ଅଗଷ୍ଟ ରୁ ୨୦ ଅଗଷ୍ଟ, ୨୦୨୬):** ଦ୍ୱିତୀୟ ସପ୍ତାହ ରେ ଓଡ଼ିଶାରେ ଜିଲ୍ଲାଗୁଡ଼ିକର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ସହିତ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବୃଷ୍ଟିପାତ ହେବାର ସମ୍ଭାବନା ରହିଛି।ସାମଗ୍ରିକ ଭାବେ, ଏହି ଦ୍ୱିତୀୟ ସପ୍ତାହରେ ଓଡ଼ିଶାର ଅଧିକାଂଶ ଭାଗରେ ବୃଷ୍ଟିପାତର ପରିମାଣ ସ୍ୱାଭାବିକରୁ ସ୍ୱାଭାବିକଠାରୁ ଅଧିକ ହେବାର ସମ୍ଭାବନା ଅଛି। ଉତ୍ତର ବଙ୍ଗୋପସାଗରରେ ସାଇକ୍ଲୋଜେନେସିସ୍ / ବାତ୍ୟା ସୃଷ୍ଟି ହେବାର ସ୍ୱଳ୍ପ ରୁ ମଧ୍ୟମ ଧରଣର ସମ୍ଭାବନା ରହିଛି।

## କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

### ସାଧାରଣ ପରାମର୍ଶ

- ଆଗାମୀ ୫ ଦିନ ମଧ୍ୟରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ପୂର୍ବାନୁମାନକୁ ଦୃଷ୍ଟିରେ ରଖି, ବର୍ଷା ନକମିବା ପର୍ଯ୍ୟନ୍ତ ସାର ଏବଂ କୀଟନାଶକ ପ୍ରୟୋଗ ସ୍ଥଗିତ ରଖନ୍ତୁ ।
- ଜଳବନ୍ଦୀ ଜନିତ ସମସ୍ୟାରୁ ରକ୍ଷା ପାଇବା ପାଇଁ ପନିପରିବା, ଡାଲି ଜାତୀୟ ଫସଲ, ତୈଳବୀଜ, କପା ଏବଂ ଫଳ ବଗିଚା ସମେତ ଛିଡ଼ା ହୋଇଥିବା ଫସଲ ଜମିରେ ଉତ୍ତମ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ।
- ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ରହୁଥିବାରୁ ଏହା ରୋଗର ପ୍ରାଦୁର୍ଭାବ ପାଇଁ ଅନୁକୂଳ ଅଟେ । ତେଣୁ ନିୟମିତ ଫସଲ ନିରୀକ୍ଷଣ କରନ୍ତୁ ଏବଂ ବର୍ଷା ଛାଡ଼ିବା ପରେ ରୋଗ ପ୍ରତିରୋଧକ ସ୍ପ୍ରେ କରନ୍ତୁ।
- ସମ୍ଭାବ୍ୟ ବର୍ଷାରୁ ରକ୍ଷା କରିବା ପାଇଁ ପନିପରିବା ନର୍ସରୀ/ତଳିଘରାକୁ ପଲିଥିନ୍ ଛାଉଣି କରି  ସୁରକ୍ଷିତ ରଖନ୍ତୁ।
- ଗୋରୁଗାଇ ଓ କୁକୁଡ଼ାମାନଙ୍କ ପାଇଁ ସଠିକ୍ ଆଶ୍ରୟସ୍ଥଳୀ, ବିଶୁଦ୍ଧ ପିଇବା ପାଣି ଯୋଗାଇ ଦିଅନ୍ତୁ ଏବଂ ସୁଖିଲା ଦାନା ର ବ୍ୟବସ୍ଥା କରନ୍ତୁ।

| ସଂକ୍ଷିପ୍ତ ବାର୍ତା | ▪ ଧାନ ରୋଇବାର ୧ ରୁ ୩ ଦିନ ମଧ୍ୟରେ ଘାସ/ଅଗାଛା ଦମନ ପାଇଁ ଏକର ପ୍ରତି ୪ କିଲୋଗ୍ରାମ୍ ବେନ୍‌ସଲ୍‌ଫ୍ୟୁରନ୍ ମିଥାଇଲ୍ ୦.୬% + ପ୍ରେଟିଲାକ୍ଲୋର୍ ୬% ଜିଆର୍ କୁ ୨୦ କିଲୋଗ୍ରାମ୍ ବାଲି ସହିତ ମିଶାଇ ଜମିରେ ପ୍ରୟୋଗ କରନ୍ତୁ। |
|---|---|

**ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ**

| ଫସଲ ର ନାମ | ଫସଲ ଅବସ୍ଥା | ପରାମର୍ଶ |
|---|---|---|
| **କ୍ଷେତ୍ର ଫସଲ** | | |
| **ଖରିଫ ଧାନ** | **ପିଲ / ତଳି/ ରୁଆ ଅବସ୍ଥା** | **ବୁଣା ଧାନ :**<br>**ଘାସ ପରିଚାଳନା :** ଗଜା ପୂର୍ବବର୍ତ୍ତୀ ଘାସମରା ଔଷଧ ପ୍ରୟୋଗ କରିନଥିଲେ ଧାନ ବୁଣିବା ୨୦ ରୁ ୨୫ ଦିନ ମଧ୍ୟରେ ଏକର ପ୍ରତି ୨୪୦ ରୁ ୨୬୦ ମି.ଲି. ଫେନୋକ୍ସାପ୍ରୋପ୍ ପି ଇଥାଇଲ୍ ୧୦% ଇ.ସି. କୁ ୨୦୦ ଲିଟର ପାଣିରେ ମିଶାଇ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ। ମଧ୍ୟମ ଓ ଖାଲ ଜମିରେ ଯେଉଁଠି ଘାସ ମରା ପ୍ରୟୋଗ ହୋଇନାହିଁ ୩ ରୁ ୪ ଇଞ୍ଚ ପାଣି ଜମିରେ ଥିବା ଅବସ୍ଥାରେ ବେଉଷଣ କରନ୍ତୁ ଏବଂ ଗଛ ସଂଖ୍ୟା ବଜାୟ ରଖିବା ପାଇଁ ଖେଳୁଆ କରନ୍ତୁ।<br>**ଖାଦ୍ୟସାର ପରିଚାଳନା :** ମଧ୍ୟମ ଏବଂ ଖାଲ ଜମିରେ ବେଉଷଣ କରିବା ପରେ ପ୍ରଥମ ପାଳି ସାର ଭାବରେ ଏକର ପ୍ରତି ୩୭ କିଲୋଗ୍ରାମ୍ ୟୁରିଆ ପ୍ରୟୋଗ କରନ୍ତୁ। ସାର ପ୍ରୟୋଗ କରିବା ପୂର୍ବରୁ, ପାଣି ଗଳିଯିବା କିମ୍ବା ବାହାରକୁ ବୋହିଯିବା ରୋକିବା ପାଇଁ ଜମିର ହୁଡ଼ାଗୁଡ଼ିକୁ ଭଲ ଭାବରେ ମରାମତି କରିନିଅନ୍ତୁ। ସାର ପ୍ରୟୋଗ କରିସାରିବା ପରେ ଜମିରେ ବତର ବଜାୟ ରଖନ୍ତୁ ଏବଂ ଅନ୍ତତଃ ୨ ରୁ ୩ ଦିନ ପର୍ଯ୍ୟନ୍ତ ଜମିରୁ ପାଣି ଯେପରି ବାହାରକୁ ବାହାରି ନଯାଏ, ସେଥିପ୍ରତି ଧ୍ୟାନ ଦିଅନ୍ତୁ।<br>**ରୁଆ ଧାନ :**<br>**ଖାଦ୍ୟସାର ପରିଚାଳନା :** ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ୮ କ୍ୱିଣ୍ଟାଲ ସଢ଼ା ଗୋବର ଖତ କୁ ମାଟିରେ ମିଶାନ୍ତୁ। ମୃତ୍ତିକା ପରୀକ୍ଷାର ଫଳାଫଳ ଅନୁସାରେ ଜମିରେ ସାର ପ୍ରୟୋଗ କରନ୍ତୁ । ମୂଳ ସାର ହିସାବରେ ଶେଷ ଓଡ଼ ଚାଷ ସମୟରେ ଢିପ ଜମି କ୍ଷେତ୍ରରେ ଏକର ପ୍ରତି ୨୬ କି.ଗ୍ରା. ଡି.ଏ.ପି + ୨୦ କି.ଗ୍ରା. ଏମ.ଓ.ପି ଏବଂ ମଧ୍ୟମ ଓ ଖାଲୁଅ ଜମି କ୍ଷେତ୍ରରେ ଏକର ପ୍ରତି ୩୫ କି.ଗ୍ରା. ଡି.ଏ.ପି + ୨୭ କି.ଗ୍ରା. ଏମ.ଓ.ପି ସାର ପ୍ରୟୋଗ କରନ୍ତୁ । ମାଟିରେ ଜିଙ୍କ୍ ଏବଂ ବୋରୋନ ଅଣୁସାର ର ଅଭାବ ଥିଲେ ଏକର ପ୍ରତି ୧୦ କିଲୋଗ୍ରାମ ଜିଙ୍କ୍ ସଲଫେଟ ଏବଂ ୪ କିଲୋଗ୍ରାମ ବୋରାକ୍ସ (୧୦.୫% ବୋରୋନ) ଶେଷ ଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ।<br>▪ ୨୦ ରୁ ୨୫ ଦିନର ତଳି କୁ ମୁଖ୍ୟ ଜମିରେ ବୁଦା ପ୍ରତି ୨-୩ ଟି ଚାରା ଏବଂ ଗଛ ରୁ ଗଛ ଦୂରତା ୬ ଇଞ୍ଚ ଓ ଧାଡ଼ି ରୁ ଧାଡ଼ି ଦୂରତା ୮ ଇଞ୍ଚ ହିସାବରେ ଧାଡ଼ି ରେ ପ୍ରତିରୋପଣ କରନ୍ତୁ।<br>**ଘାସ ପରିଚାଳନା :** ଗଜା ପୂର୍ବବର୍ତୀ ଘାସ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪ କିଲୋଗ୍ରାମ ବେନସଲଫ୍ୟୁରନ୍ ମିଥାଇଲ ୦.୬% + . ପ୍ରିଟିଲାକ୍ଲୋର ୬% ଜି.ଆର କୁ ୨୦ କିଲୋଗ୍ରାମ ବାଲି ସହିତ ମିଶାଇ ରୋଇବାର ୧ ରୁ ୩ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । |
| **କପା** | **ଅଙ୍ଗୀୟ ଅବସ୍ଥା** | ▪ ଜମିରୁ ବଳକା ବର୍ଷାପାଣି ନିଷ୍କାସନ କରିବା ପାଇଁ ଉତ୍ତମ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ।<br>▪ କପା ଫସଲ ତିନି ସପ୍ତାହ ହୋଇଗଲେ ଶୁଖିଲା ପାଗରେ କୋଡ଼ା ଖୋସା କରି ଘାସ ବାଛି ଦିଅନ୍ତୁ ଏବଂ ଶଙ୍କର/ହାଇବ୍ରିଡ କିସମ ପାଇଁ ଏକର ପିଛା ୪୦ କି.ଗ୍ରା. ୟୁରିଆ ସହିତ ୨୪ କି.ଗ୍ରା ଏମ.ଓ.ପି. ସାର ଓ ଉନ୍ନତ କିସମ କ୍ଷେତ୍ରରେ ୩୦ କି.ଗ୍ରା. . ୟୁରିଆ ସହିତ ୧୮ କି.ଗ୍ରା ଏମ.ଓ.ପି. ସାର ପ୍ରୟୋଗ କରନ୍ତୁ।<br>▪ ଫୁଲ ଓ କଢ ଝଡ଼ିବାରୁ ରକ୍ଷା ପାଇଁ ୩.୫ ମି.ଲି. ପ୍ଲାନୋଫିକ୍ସ ହରମୋନ୍ କୁ ପ୍ରତି ୧୫ ଲିଟର ପାଣିରେ ମିଶ୍ରଣ କରି ଲଗାଇବାର ୩୦ ରୁ ୪୦ ଦିନ ମଧ୍ୟରେ ଶୁଖିଲା ପାଗରେ ପ୍ରୟୋଗ କରନ୍ତୁ । |
| **ହରଡ଼** | **ଅଙ୍ଗୀୟ ଅବସ୍ଥା** | ▪ ଜମିରୁ ବଳକା ବର୍ଷାପାଣି ନିଷ୍କାସନ କରିବା ପାଇଁ ନାଳି ପ୍ରସ୍ତୁତ କରନ୍ତୁ।<br>▪ ଫସଲରେ ପୋକର ପ୍ରାଦୁର୍ଭାବ ଜାଣିବା ପାଇଁ ନିୟମିତ ଭାବେ କ୍ଷେତ ନିରୀକ୍ଷଣ କରନ୍ତୁ। ଜଉପୋକ (ଆଫିଡ୍) ଏବଂ ଉକୁଣିଆ ପୋକ ଭଳି ଶୋଷକ ପୋକଙ୍କ ଦାଉରୁ ରକ୍ଷା ପାଇବା ପାଇଁ, ଆବଶ୍ୟକତା ଅନୁସାରେ ପାଗ ଶୁଖିଲା ଥିବା ସମୟରେ ନିମ୍ବ ଆଧାରିତ କୀଟନାଶକ (୧୫୦୦ ppm) ଲିଟର ପ୍ରତି ୩ ମି.ଲି. ପାଣିରେ ମିଶାଇ ସ୍ପ୍ରେ କରନ୍ତୁ।<br>▪ **ଘାସ ପରିଚାଳନା :** ଏକର ପ୍ରତି ୩୦୦ ମି.ଲି. ଇମାଜେଥାପିର୍ ୧୦% ଏସ୍.ଏଲ୍ (Imazethapyr 10% SL) କୁ ୨୦୦ ଲିଟର ପାଣିରେ ମିଶାଇ ବିହନ ବୁଣିବାର ୨୦-୨୫ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ। |
| **ମକା** | **ଅଙ୍ଗୀୟ ଅବସ୍ଥା** | ▪ ନାଳୀ ପ୍ରସ୍ତୁତ କରି ମକା ଜମିରୁ ବଳକା ବର୍ଷା ପଣି ନିଷ୍କାସନ କରନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଫସଲରେ ରୋଗ ଓ ପୋକର ସଂକ୍ରମଣ କୁ ନିୟମିତ ନିରୀକ୍ଷଣ କରନ୍ତୁ । ସଂକ୍ରମିତ ଗଛ କୁ ଓପାଡ଼ି ଜମି ଠାରୁ ଦୂରକୁ |

| | | |
|---|---|---|
| | | ନେଇ ମାଟିରେ ପୋତି ଦିଅନ୍ତୁ।<br>**କୀଟ ପରିଚାଳନା:**<br>▪ ଶୋଷକ କୀଟ ଯଥା ଜଉ ଓ ଉକୁଣିଆ ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା ୬୦୦ ମିଲିଗ୍ରାମ ନିମ୍ବ ଆଧାରିତ କୀଟନାଶକ (୧୫୦୦ ପିପିଏମ୍) ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।<br>▪ **କାଣ୍ଡବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ଏକର ପିଛା ପ୍ରତି ୨୦୦ ଲିଟର ପାଣିରେ ୪୦୦ ମି.ଲି. ଫିପ୍ରୋନିଲ ୫% ଏସ.ସି. କିମ୍ବା ପ୍ରୋପେନୋଫୋସ ୫୦% ଇ.ସି କୁ ମିଶାଇ ସିଂଚନ କରନ୍ତୁ।<br>▪ **ଫଲ ଆର୍ମି ୱର୍ମ:** ଏହି କୀଟର ନିୟନ୍ତ୍ରଣ ପାଇଁ ଏକର ପିଛା ପ୍ରତି ୨୦୦ ଲିଟର ପାଣିରେ ୮୦ ଗ୍ରା. ଇମାମେକଟିନ୍ ବେନଜୋଏଟ୍ ୫% ଏସ.ଜି. କୁ ମିଶାଇ ସିଂଚନ କରନ୍ତୁ । |
| **ଉଦ୍ୟାନ କୃଷି** | | |
| **ଟମାଟୋ** | **ବୁଣିବା ଅବସ୍ଥା** | ▪ ଚାରା ପ୍ରସ୍ତୁତି ପାଇଁ ଅଗଷ୍ଟ ରୁ ସେପ୍ଟେମ୍ବର ମାସ ଉପଯୁକ୍ତ ସମୟ ଅଟେ ।<br>▪ **ଉପଯୁକ୍ତ ଉନ୍ନତ କିସମ:** ଉତ୍କଳ କୁମାରୀ (ବିଟି-୧୦), ଉତ୍କଳ ଦିପ୍ତି (ବିଟି-୨), ଉତ୍କଳ ରାଜା, ଉତ୍କଳ ପ୍ରଜ୍ଞା, ଉତ୍କଳ କୁମାରୀ, ସ୍ୱର୍ଣ୍ଣ ସମ୍ପଦ<br>**ସଙ୍କର ଜାତୀୟ କିସମ:** ଅର୍କ ସମ୍ରାଟ, ଅର୍କ ରକ୍ଷକ, ଅର୍କ ଅଭେଦ, ପୁସା ହାଇବ୍ରିଡ ୧, ପୁସା ହାଇବ୍ରିଡ ୨, ସୂର୍ଯ୍ୟ ଇତ୍ୟାଦି।<br>**ଆବଶ୍ୟକ ବିହନ:** ଏକ ଏକର ଜମି ପାଇଁ ଉନ୍ନତ କିସମରେ ୧୫୦ ରୁ ୨୦୦ ଗ୍ରାମ ଏବଂ ହାଇବ୍ରିଡ ନିମନ୍ତେ ୫୦ ରୁ ୬୦ ମଞ୍ଜି ର ତଳି ଆବଶ୍ୟକ। |
| **କଦଳୀ** | **ଅଙ୍ଗୀୟ/ଫଳ ଅବସ୍ଥା** | ▪ ସମ୍ପ୍ରତି ପାଗରେ ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ରହୁଥିବାରୁ କଦଳୀ ଗଛରେ ସିଗାଟୋକା ପତ୍ର ଦାଗ ଦେଖା ଦେବାର ସମ୍ଭାବନା ରହିଛି। ଲକ୍ଷଣ ଦେଖାଦେଲେ ସିଗାଟୋକା ରୋଗ ଦ୍ୱାରା ଆକ୍ରାନ୍ତ ପତ୍ର ଏବଂ ଶୁଖି ଯାଇଥିବା ପତ୍ର କୁ ଅଲଗା କରି ନଷ୍ଟ କରିଦିଅନ୍ତୁ। କଦଳୀ ବାଡ଼ି ରେ ଘାସ ନିୟନ୍ତ୍ରଣ କରନ୍ତୁ ଯାହାଦ୍ୱାରା ବାୟୁମଣ୍ଡଳରେ ଆର୍ଦ୍ରତା ଅପେକ୍ଷାକୃତ କମ୍ ରହିବ । ରୋଗ ନିୟନ୍ତ୍ରଣ ପାଇଁ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ ର ମିଶ୍ରିତ ଫିମ୍ପିନାଶକ କୁ ପ୍ରତି ଏକ ଲିଟର ପାଣିରେ ୧ ଗ୍ରାମ ଅଥବା ପ୍ରୋପିକୋନାଯୋଲ ୨୫% ଇସି ୧ ମିଲିଗ୍ରାମ୍ ହିସାବରେ ଏବଂ ପ୍ରତି ଲିଟର ପିଚା ୦.୫ ମିଲି ଆଡ଼ଜୁଭାଣ୍ଟ ମିଶ୍ରଣ କରି ଶୁଖିଲା ପାଗରେ ସିଞ୍ଚନ କରନ୍ତୁ। |
| **ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ** | | |
| **ଗାଇ ଓ ମଇଁଷି** | | ▪ ଗାଇ ଓ ମଇଁଷିଙ୍କୁ, ବର୍ଷା ଦିନେ ବାହାରେ ନବାନ୍ଧି ଗୁହାଳ ମଧରେ ରଖିବାକୁ ଚେଷ୍ଟା କରନ୍ତୁ । ଏହାଦ୍ୱାରା ସେମାନେ ଶୁଖିଲା ରହିବା ସହ ସେମାନଙ୍କର ଖୁରା ଜନିତ ରୋଗରୁ ଉପଶମ ମିଳିଥାଏ । ଗୁହାଳର ଚଟାଣ ଶୁଖିଲା ରଖନ୍ତୁ ଏବଂ ଶୁଖିଲା ନଡା ଉପରେ ପଶୁ ମାନଙ୍କୁ ଶୁଆନ୍ତୁ । ଏହା ସେମାନଙ୍କୁ ଥନହରା ରୋଗ ଦାଉରୁ ରକ୍ଷା କରିବ । ନିୟମିତ ବ୍ୟବଧାନରେ ସେମାନଙ୍କୁ ଟୀକାକରଣ କରେଇ ଦିଅନ୍ତୁ ଏବଂ ସଦା ସର୍ବଦା ପରିଷ୍କାର ଜଳ ସେମାନଙ୍କ ପାଇଁ ମହଜୁଦ ରଖନ୍ତୁ । |
| **ଛେଳି ଓ ମେଣ୍ଢା** | | ▪ ଛେଳି ଓ ମେଣ୍ଢା ମାନଙ୍କୁ ଅନ୍ତ କୃମି ମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଦିଅନ୍ତୁ ।ବିଶୁଦ୍ଧ ପାନୀୟ ଜଳ ର ବ୍ୟବସ୍ଥା ସହିତ ବର୍ଷା ସମୟରେ ପଶୁମାନଙ୍କୁ ଘର ଭିତରେ ରଖନ୍ତୁ ଏବଂ ଛେଳି ଓ ମେଣ୍ଢା ମାନଙ୍କ ପାଇଁ ବର୍ଷା ଦିନେ ଘରେ ଘାସ, ଶୁଖିଲା ନଡା କିମ୍ବା ଦାନା ର ବ୍ୟବସ୍ଥା କରନ୍ତୁ। |
| **କୁକୁଡ଼ା** | | ▪ ବର୍ତମାନ ମୌସୁମୀ ବର୍ଷାକୁ ଧ୍ୟାନରେ ରଖି କୁକୁଡ଼ା ଚିଆଁ ମାନଙ୍କ ପାଇଁ ସ୍ଥିରୀକୃତ ବୃଡିଙ୍ଗ ତାପମାତ୍ରାକୁ ସଠିକ ରଖନ୍ତୁ । କୁକୁଡ଼ା ଘରେ ବିଛା ଯାଉଥିବା ଚଷୁକୁ ଶୁଖିଲା ରଖନ୍ତୁ ଓ ଇନ୍ଫ୍ରାରେଡ଼ ଲାଇଟ ବ୍ୟବହାର କରନ୍ତୁ । କୁକୁଡ଼ା ଦାନା କୁ ଶୁଖିଲା ପାତ୍ରରେ ରଖନ୍ତୁ ଓ ତାହା ଯେମିତି ଓଦା ନହୁଏ ସେଥିପ୍ରତି ସଜାଗ ରହନ୍ତୁ । ସଠିକ ସମୟରେ କୁକୁଡ଼ା ମାନଙ୍କର ଟୀକାକାରଣ କରେଇ ଦିଅନ୍ତୁ ଏବଂ ପାଣିରେ ଇଲେକ୍ଟ୍ରୋଲାଇଟ, ଭିଟାମିନ ସି ର ବ୍ୟବହାର କରନ୍ତୁ । |

**ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**

**ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।**

**କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).**

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**